# Akashvani, Sambalpur

## SAMBALPURI NEWS EVENING BULLETIN

### 17 December 2025- 7.02 pm- 7.12 pm.

*********************************************

୧- ଅମୃତ୍ ଭାରତ୍ ଯୋଜ୍ନାଥି ଓଡ଼ିଶାର୍ ୫୯ ଟା ରେଲ୍ଷ୍ଟେସନ୍‌ର ପୁର୍ନବିକାଶ୍ କାମ୍ ଚାଲିଛେ- କହେଲେ ରେଲ୍‌ମନ୍ତ୍ରୀ ।

୨- ରାଜ୍ୟ ସର୍କାର୍ ଖୋବ୍ ଜଲ୍‌ଦି ଠିକା ନିଯୁକ୍ତି ବଦ୍‌ଲେ ନିୟମିତ ଶିକ୍ଷକ୍ ନିଯୁକ୍ତି ଦେବେ କହେଲେ ମୁଖ୍ୟମନ୍ତ୍ରୀ ।

୩- ରାଏଜେ ଆଏବା ମାସର୍ ୬ ତାରିଖ୍‌ନୁ ମୁଲ୍ ହେବା ପକ୍ଷୀ ଗନ୍‌ତି ।

ଆଉର୍

୪- ଉଦ୍‌ଯାପିତ୍ ହେଲା ରାଜ୍ୟ ପୁସ୍ତକ ମହୋତ୍ସବ ।

ରେଲ୍‌ମନ୍ତ୍ରୀ- ଲୋକ୍‌ସଭା      ପି.ଆଇ.ବି.

ଅମୃତ୍ ଭାରତ୍ ଯୋଜ୍ନାଥି ଓଡ଼ିଶାର୍ ୫୯ ଟା ରେଲ୍ଷ୍ଟେସନ୍‌ର ପୁର୍ନବିକାଶ୍ କାମ୍ କରାଯାଉଛେ ବଲି

ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ଲୋକ୍‌ସଭା ନ ଆଏଜ୍ ଗୁଟେ ପ୍ରଶ୍ନର୍ ଉତର୍‌ଥି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ଓଡ଼ିଶାର୍ ମୟୁର୍‌ଭଞ୍ଜ୍ ଜିଲ୍ଲାର୍ ବାଦାମ୍‌ପାହାଡ଼୍-କେନ୍ଦୁଝର୍, ଗୋରୁମହିଷାଣି-ବାଙ୍ଗିରିପୋଷି ଆଉ ବୁଢ଼ାମରା-ଚାକୁଲିଆ ରେଲ୍ ପ୍ରକଳ୍ପ ଲାଗି ଜମି ଅଧିଗ୍ରହଣ୍ ଆଉ ଜଙ୍ଗଲ୍ ଅନୁମତି କାମ୍ ଚାଲିଛେ ବଲି କହିଛନ୍...

(ଭଏସ୍ ଓଭର୍- ଅଶ୍ୱିନୀ ବୈଷ୍ଣବ)

ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ଆହୁରି କହିଛନ୍, ସର୍‌କାର୍‌ଙ୍କର୍ ତର୍‌ଫୁ ନିଆଯାଇଥିବା ଭିନ୍ ଭିନ୍ ସୁରକ୍ଷା ପଦକ୍ଷେପ୍ ଲାଗି ଗଲା ଦଶନ୍ଧି ଭିତ୍‌ରେ ରେଲ୍ ଦୁର୍ଘଟଣା ବହୁତ୍‌ଟେ କମିଛେ । ୨୦୧୪ ମସିହା ଠାନୁ ଇ ବଛର୍ ରେଲ୍ ଦୁର୍ଘଟଣା ୯୦ ପ୍ରତିଶତ୍ କମିଛେ । ୨ ହଜାର୍ କିଲୋମିଟର୍‌ନୁ ଅଏତ୍‌କା ରେଲ୍‌ଲାଇନ୍‌ଥି ସ୍ୱୟଂଚାଲିଥ୍ ରେଲ୍ ସୁରକ୍ଷା ବ୍ୟବସ୍ଥା- କବଚ କାର୍ଯ୍ୟକାରୀ କରାଯାଇଛେ । ୪ ହଜାର୍ ଶହେ ୫୪ ଟା ଟ୍ରେନ୍‌ଥି ରେଲ୍‌ବାଇ ସଫଲତାର୍ ସହେତେ ସ୍ୱଦେଶୀ ଜ୍ଞାନ୍‌କୌଶଲ୍‌ଥି ବିକଶିତ୍ କବଚ୍ ବ୍ୟବସ୍ଥା କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

ମୁଖ୍ୟମନ୍ତ୍ରୀ- ବ୍ରହ୍ମପୁର୍ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ରାଜ୍ୟ ସର୍‌କାର୍ ଖୋବ୍ ଜଲ୍‌ଦି ଠିକା ଶିକ୍ଷକ୍ ନିଯୁକ୍ତି ବ୍ୟବସ୍ଥା ହଟେଇକରି ନିୟମିତ ଶିକ୍ଷକ୍ ନିଯୁକ୍ତି ଦେବେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବ୍ରହ୍ମପୁର୍ ନୀଳକଣ୍ଠ ନଗର୍ ଶିଶୁ ବିଦ୍ୟାମନ୍ଦିର୍‌ର ବାର୍ଷିକ୍ ଉତ୍ସବ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଆଏବା ୩ ବଛର୍ ଭିତ୍‌ରେ ସର୍‌କାର୍ ୪୫ ହଜାର୍ ନିୟମିତ୍ ଶିକ୍ଷକ୍ ନିଯୁକ୍ତି ଦେବେ । ସେନ୍ତା ମାଧ୍ୟମିକ ଆଉ ଉଚ୍ଚମାଧ୍ୟମିକ ବୋର୍ଡ଼୍‌କେ ମିଶେଇକରି ଗୁଟେ ବୋର୍ଡ଼୍ ଗଠନ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବ୍ରହ୍ମପୁର୍ ଗସ୍ତ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଆଏଜ୍ ସଖାଲ୍‌ବେଲା ସହରର୍ ରାମଲିଙ୍ଗମ୍ ଛକ୍ ପାଖେ ଆଘର୍ ପ୍ରଧାନ୍‌ମନ୍ତ୍ରୀ ଅଟଲ୍ ବିହାରୀ ବାଜପେୟୀଙ୍କର୍ ପ୍ରତିମୂର୍ତିଥି ଫୁଲ୍‌ମାଲ୍ ଅର୍ପଣ୍ କରିଥିଲେ ।

ରାଜ୍ୟସ୍ତରୀୟ ସର୍ଗିଫୁଲ୍ ମହୋତ୍ସବ I&PR

ଭୁବ୍‌ନେଶ୍ୱର୍ ଆଦିବାସୀ ପଡ଼ିଆ ନ ରାଜ୍ୟସ୍ତରୀୟ ସର୍ଗିଫୁଲ୍ ମହୋତ୍ସବ-୨୦୨୫ ଆଏବା କାଏଲ୍‌ଠାନୁ ମୁଲ୍ ହେବା । ୩ ଦିନିଆ କାର୍ଯ୍ୟକ୍ରମ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର୍ ସହେତେ ଅଲ୍‌ଗା ମାନେ ଉପସ୍ଥିତ୍ ରହେବେ ।

ପକ୍ଷୀ ଗନ୍‌ତି ଏକ୍ସ

ରାଏଜେ ଆଏବା ମାସର୍ ୬ ତାରିଖ୍‌ନୁ ପକ୍ଷୀ ଗନ୍‌ତି କାମ୍ ମୁଲ୍ ହେବା । ଜଙ୍ଗଲ୍ ପରିବେଶ୍ ବିଭାଗ୍ ତର୍‌ଫୁ ପର୍ଯ୍ୟଟନ୍ ବିଭାଗ୍ ସହଯୋଗ୍‌ଥି ଗନ୍‌ତି କରାଯିବା ବଲି ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍‌ରାମ୍ ସିଂ ଖୁଂଟିଆ କହିଛନ୍ । ଚିଲିକା, ନଲବଣ, ମଙ୍ଗଲାଯୋଡ଼ି, ହୀରାକୁଦ୍, ନନ୍ଦନ୍‌କାନନ ବାଗିର୍ ଜାଗା ନ ବିଦେଶୀ ପକ୍ଷୀମାନ୍‌କର୍ ଆସ୍‌ବାର୍‌ଟାକେ ନଜର୍‌ଥି ରଖିକରି ଗନ୍‌ତି କରାଯିବା । ପକ୍ଷୀମାନ୍‌କର୍ ସୁରକ୍ଷାକେ ଧ୍ୟାନ୍ ଦେଇକରି ଆଧୁନିକ୍ ୱାଚ୍ ଟାୱାର୍, ସଂରକ୍ଷଣ୍ ବ୍ୟବସ୍ଥା ଆଉ ଏନ୍‌କ୍ଲୋଜର୍ ତିଆର୍ କରାଯିବା । ଶିକାରୀମାନ୍‌କର୍ ଗତିବିଧି ଉପ୍‌ରେ ଭିଲ୍ କଡ଼ା ନଜର୍ ରଖାଯିବା ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ।

ନୀତିନ୍ ଗଡ଼୍‌କରୀ-ଟୋଲ୍‌ଗେଟ୍ ଏନ୍‌ଏସ୍‌ଡି

ଆଏବା ବଛର୍ ଶେଷ୍‌ତକ୍ ସାରା ଦେଶେ ପାରମ୍ପରିକ୍ ଟୋଲ୍ ଆଦାୟ ବ୍ୟବସ୍ଥା ବଦ୍‌ଲେ ସ୍ୱୟଂଚାଲିତ୍ ନମ୍ବର୍ ପ୍ଲେଟ୍ ଚିହ୍ନଟ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ବଲି କେନ୍ଦ୍ର ସଡ଼କ୍, ପରିବହନ୍ ଆଉ ରାଜପଥ ମନ୍ତ୍ରୀ ନୀତିନ୍ ଗଡ଼୍‌କରୀ କହିଛନ୍ । ରାଜ୍ୟସଭା ନ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ

ଗଡ଼୍‌କରୀ କହିଛନ୍, ରାଜପଥ ନ ଗାଡ଼ିମାନ୍‌କର୍ ପରିବହନ୍ ସମସ୍ୟାକେ କମ୍ କର୍‌ବାର୍ ଆଉ ଦକ୍ଷତା ବଢ଼ାବାର୍ ଲାଗି ଇ ପଦକ୍ଷେପ୍ ନିଆଯାଉଛେ । ଇଡାର୍ ଜରିଏ ପାଖାପାଖି ୧ ହଜାର୍ ୫ ଶହ କୋଟି ଟଙ୍କାର୍ ଇନ୍ଧନ୍ ବଂଚାଯାଇପାର୍‌ବା ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ ।

ବି.ଭି. ଜି. ରାମ୍. ଜି ବିଲ୍ ପି.ଆଇ.ବି.

ଲୋକ୍‌ସଭା ନ ଗଲାକାଏଲ୍ ବିକଶିତ୍ ଭାରତ୍ - ରୋଜ୍‌ଗାର୍ ଆଉ ଜୀବିକା ମିଶନ୍ ଗ୍ରାମୀଣ ଲାଗି ଗ୍ୟାରେଂଟି ବି.ଭି. ଜି. ରାମ୍. ଜି ବିଲ୍-୨୦୨୫ ଉପସ୍ଥାପିତ୍ ହେଇଛେ । ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ରଦ୍ଦ କରିକରି ତାର୍ ଜାଗା ନ ଇ ନୂଆଁ ଆଇନ୍‌କେ କାର୍ଯ୍ୟକାରୀ କରାଯିବା । ବି.ଭି. ଜି. ରାମ୍. ଜି ବିଲ୍-୨୦୨୫ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ସ୍ୱତନ୍ତ୍ର ରିପୋର୍ଟ...

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

*ବି.ଭି. ଜି. ରାମ୍. ଜି ଆଇନ୍-୨୦୨୫ ହେଉଛେ ମନରେଗାର ଗୁଟେ ପରିବର୍ତ୍ତିତ ଆଉ ଅତ୍ୟାଧୁନିକ୍ ଢାଂଚା । ମନରେଗାକେ ବଦ୍‌ଲାବାର୍ ବହୁତ୍‌ଟେ କାରଣ ରହିଛେ । ମନରେଗା ୨୦୦୫ ମସିହାଥି କାର୍ଯ୍ୟକାରୀ ହେଇଥିଲା । ସେ ସମିଆଥି ଦେଶର୍ ଗ୍ରାମୀଣ ଭାରତର ଗତି ଆଉ ସ୍ଥିତି ବହୁତ୍*

*ଅଲ୍‌ଗା ଥିଲା । ମାତରକ ଇଛେନ୍‌କା ଗ୍ରାମୀଣ୍ ଭାରତ୍ କାୟା ବଦ୍‌ଲିଯାଇଛେ କହେଲେ କିଛି ଭୁଲ୍ ନାଇଁ ହୁଏ । ବର୍‌କସ୍ ସାମାଜିକ୍ ସୁରକ୍ଷା, ଉତମ୍ ସଂଯୋଗ୍, ବ୍ୟାପକ୍ ଡିଜିଟାଲ୍ ବ୍ୟବସ୍ଥାର ବେଭାର୍ ଆଉ ବିବିଧ ଗ୍ରାମୀଣ ଜୀବିକା ସହେତେ ପୁର୍‌ନା ଢାଂଚା ଆଉ ଆଝିରର୍ ଗ୍ରାମୀଣ୍ ଅର୍ଥ ବ୍ୟବସ୍ଥା ମେଲ୍ ନାଇଁ ଖାଏବାର୍ । ହେଥିର୍‌ଲାଗି ନୀତି ଭିଲ୍ ବଦ୍‌ଲିବାର୍ ଜରୁରୀ ହେଇପଡ଼ିଛେ । ଇତାକେ ନଜର୍‌ଥି ରଖିକରି କେନ୍ଦ୍ର ସର୍‌କାର୍ ମନରେଗା ଜାଗାଥି ବି.ଭି. ଜୀ ରାମ୍ ଜୀ ଆଇନ୍ ଆନ୍‌ବାର୍‌କେ ନିଷ୍ପତି ନେଇଛନ୍ । କେନ୍ଦ୍ର ସରକାରଙ୍କର ଇ ନୂଆ ବିଲ୍ ଶ୍ରମିକମାନ୍‌କର କଲ୍ୟାଣ ଲାଗି ଗୁଟେ ଯୁଗାନ୍ତକାରୀ ପଦକ୍ଷେପ ହେବା ବଲି ଆଶା କରାଯାଉଛେ ।*
*ଆକାଶ୍‌ବାଣୀ ସମ୍ବାଦ ବିଭାଗ୍ ତର୍‌ଫୁ ବିସ୍ମିତା ପଧାନ୍ ।*

ଆଇନ୍‌ମନ୍ତ୍ରୀ-ଶ୍ରୀମନ୍ଦିର୍ ଫଟୋ ଏକ୍ସ

ପୁରୀ ଶ୍ରୀମନ୍ଦିର୍‌ର ଭିତ୍‌ରର୍ ଫଟୋ ଭାଇରାଲ୍ ଘଟ୍‌ନାଥି ରାଜ୍ୟ ସର୍‌କାର୍ କଠୋର୍ ଦଣ୍ଡବିଧାନ୍ ଲାଗି ଚିନ୍ତା କରୁଛନ୍ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ଇ ଉପ୍‌ରେ ପୁର୍‌ନା ଆଇନ୍‌ଥି ବହୁତ୍‌ଟେ ଦଣ୍ଡବିଧାନ୍ ବ୍ୟବସ୍ଥା ରହିଛେ । ସେଥି କିଛିଟା ବଦ୍‌ଲାବାର୍‌କେ ଚେରେଷ୍ଟା ଚାଲିଛେ । କଠୋର୍

କାର୍ଯ୍ୟାନୁଷ୍ଠାନ୍ ଜରିଏ ମନ୍ଦିର୍ ଭିତ୍ରର ଫଟୋ ଉଠାକେ ପୁରାପୁରି ବନ୍ଦ କରାଯାଇପାର୍‌ବା ଆର୍ ତାର୍ ଉପ୍‌ରେ ପ୍ରକ୍ରିୟା ଚାଲିଛେ ବଲି ଆଇନ୍‌ମନ୍ତ୍ରୀ କହିଛନ୍ ।

ମେଟ୍ରିକ୍ ପରୀକ୍ଷା -ପଞ୍ଜିକରଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ୨୦୨୬-୨୭ ଶିକ୍ଷା ବଛ୍‌ରେ ହାଇସ୍କୁଲ୍ ସାର୍ଟିଫିକେଟ୍ ମେଟ୍ରିକ୍ ପରୀକ୍ଷା ଦେବାର୍ ଲାଗି ଇ ବଛର୍ ଛାତ୍ରଛାତ୍ରୀମାନ୍‌କର୍ ପଞ୍ଜିକରଣ୍ ସମିଆ ଆଏବା ୩୦ ତାରିଖ୍‌ତକ୍ ବଢ଼ାଯାଇଛେ । ଗଲା ୩ ତାରିଖ୍‌ନୁ ପଞ୍ଜିକରଣ୍ ମୁଲ୍ ହେଇଥିଲା । ଇ ସମିଆ ଆଏଜ୍ ଶେଷ୍ ହେବାର୍ ଥିଲା । ମାତରକ ଛାତ୍ରଛାତ୍ରୀ ଆଉ ଅଭିଭାବକ୍‌ମାନ୍‌କର୍ ଅନୁରୋଧ୍ ଲାଗି ପରିଷଦ୍ ତର୍‌ଫୁ ପଞ୍ଜିକରଣ୍ ସମିଆ ବଢ଼ାଯାଇଛେ ।

ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ I&PR

ଭୁବ୍‌ନେଶ୍ୱର୍ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ନ ଗଲା ୬ ତାରିଖ୍‌ନୁ ମୁଲ୍ ହେଇଥିବା ରାଜ୍ୟ ପୁସ୍ତକ ମହୋତ୍ସବ ଆଏଜ୍ ଶେଷ୍ ହେଉଛେ । ଉଦ୍‌ଯାପନୀ ସମାରୋହଥି ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗ୍ ଦେଇଛନ୍ । ଇ ଅବ୍‌ସରେ

ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଆର୍ ବିଶିଷ୍ଟ ସାହିତ୍ୟିକା ଯଶୋଧାରା ମିଶ୍ର ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେଇଛନ୍ । ଓଡ଼ିଆ ଭାଷା ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ହେଇଥିବା ପୁସ୍ତକ ମହୋତ୍ସବଥି ୫ ଶହ ୫୦ ଟା ଷ୍ଟଲ୍ ତିଆର୍ କରାଯାଇଥିବାର୍ ବେଲେ ୨ ଶହ ୫୦ ପ୍ରକାଶକ ଆଉ ବହି ବିକେତ୍ରା ଯୋଗ୍ ଦେଇଥିଲେ ।

## ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ଜୟନ୍ତୀ

ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶାର୍ ବରପୁତ୍ର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓଙ୍କର୍ ଜୟନ୍ତୀ ଅବ୍‌ସରେ ଆଏଜ୍ ରାଜ୍ୟବାସୀ ତାଙ୍କୁ ଶ୍ରଦ୍ଧାଞ୍ଜଲି ଜନେଇଛନ୍ । ଇ ଅବ୍‌ସରେ ସଖାଲର୍ ସାଢ଼େ ୮ ବଜେ ପାୱାର୍ ହାଉସ୍ ଛକ୍ ଠାନେ ଥିବା ମହାରାଜାଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରାଯାଇଥିଲା । ସଞ୍ଜ୍‌ବେଲେ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ନ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ଆଉ ମୟୁର୍‌ଭଞ୍ଜ୍ ସାଂସ୍କୃତିକ୍ ସଂସଦ୍ ତର୍‌ଫୁ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ମୁଲ୍ ହେଇଛେ । ଆଉ କିଛି ସମିଆ ଉତ୍‌ରୁ ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଶିକ୍ଷାବିଭାଗ୍-ସାପ୍ତାହିକ୍ ଜନଶୁଣାଣି ହି.ସ.

ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ତର୍ଫୁ ଏତ୍‌କର ଫି’ ସୋମ୍‌ବାର୍ ଦିନ ସାପ୍ତାହିକ୍ ଜନଶୁଣାଣି ଆୟୋଜନ୍ କରାଯିବା । ଜନ ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ ଲାଗି ବିଭାଗ୍ ତର୍ଫୁ ଇ ପଦକ୍ଷେପ୍ ନିଆଯିବା । ଫି’ ସୋମ୍‌ବାର୍ ସଖାଲର୍ ସାଢ଼େ ୧୦ ବଜେନୁ ବିଭାଗ୍‌ର ସମ୍ମିଲନୀ କକ୍ଷ ନ ଶୁଣାଣି କରାଯିବା । ବିଭାଗ୍ ଅଧୀନ୍‌ଥି ଥିବା ସବୁ ନିର୍ଦ୍ଦେଶାଳୟ ନ ଇ ଶୁଣାଣି ହେବା ବଲି ବିଭାଗ୍ ତର୍ଫୁ କୁହାଯାଇଛେ ।

ଘରୋଇ ହିଂସା ପ୍ରତିରୋଧ୍ ଆଇନ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ମହିଳା ସଶକ୍ତିକରଣ୍ କେନ୍ଦ୍ର ଆଉ ସମାଜ୍ କଲ୍ୟାଣ୍ ବିଭାଗ୍ ତର୍ଫୁ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଘରୋଇ ହିଂସା ପ୍ରତିରୋଧ୍ ଆଇନ୍ ବାବଦ୍ ଗୁଟେ ତାଲିମ୍ ଶିବିର୍ ହେଇଯାଇଛେ । ଶିବିର୍‌କେ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଉଦ୍‌ଘାଟନ୍ କରିକରି ଘରୋଇ ହିଂସାକେ କେନ୍ତାକରି ସମାଜ୍‌ନୁ ଆଏତ୍ କରାଯାଇପାର୍‌ବା, ସେବାବ୍‌ଦେ ପଦକ୍ଷେପ୍ ନେବାର୍‌କେ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ ।

ସୁବର୍ଣ୍ଣପୁର୍- କର୍ମଶାଲା         ସୁବର୍ଣ୍ଣପୁର୍ ସମ୍ବାଦଦାତା

ବିପର୍ଯ୍ୟୟ ବିପଦ୍‌ର ସମ୍ଭାବନା କମ୍ କର୍‌ବାର୍ ଦିଗେ ଲିଙ୍ଗଗତ ସମାନତା ଅନ୍ତର୍ଭୁକ୍ତ କର୍‌ବାର୍ ବିଷେକେ ନେଇକରି ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଆଏଜ୍ ଗୁଟେ କର୍ମଶାଲା ହେଇଯାଇଛେ । କର୍ମଶାଲାଥି ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ରାଜ୍ୟସ୍ତରୀୟ ବିଶେଷଜ୍ଞ ମାନେ ଆସିକରି ତାଲିମ୍ ଦେଇଥିଲେ । ଇ କର୍ମଶାଲା ଉତ୍‌ରୁ ଜିଲ୍ଲାର୍ ୩ ଟା ବ୍ଲକ୍ ନ ଆଉ ୬ ଟା ପଂଚାୟତ୍ ନ ଇ ବିଷେ ଉପ୍‌ରେ ତାଲିମ୍ ଦିଆଯିବା ।

ଜୀବିକା ମିଶନ ସମୀକ୍ଷା         ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ମିଶନ୍ ଶକ୍ତି ଆଉ ଜୀବିକା ମିଶନ୍‌ର ମାସିକ୍ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲାପାଲ୍ ଜୀବିକା ମିଶନ୍‌ର ସବୁ ଅନ୍‌ଲାଇନ୍ ଆବେଦନ୍ ୭ ଦିନ୍ ଭିତ୍‌ରେ ଶେଷ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା ଜିଲ୍ଲା ନ ଗୁଟେ ମିଶନ୍ ଶକ୍ତି ବଜାର୍ ଲାଗି ଜାଗା ଚିହ୍ନଟ୍ କର୍‌ବାର୍‌କେ ନୂଆପଡ଼ା ତହସିଲ୍‌ଦାର୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଅଭିଯୋଗ୍ ଶୁଣାଣି ଶିବିର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସହରର୍ ମୁକ୍ତାପୁର୍ ନ ପୌର ପରିଷଦ୍ ତର୍ଫୁ ଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ୨୨ ଟା ଅଭିଯୋଗ୍ ଆସିଥିଲା । ୮ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍ ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୭ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍ ଆଉ କନ୍ଧମାଲ୍ ନ ବହଲିଆ କୁହୁଡ଼ି ହେବା । ସୁବର୍ଣ୍ଣପୁର୍, କଲାହାଣ୍ଡି, ଝାର୍‌ସୁଗୁଡ଼ା ଆର୍ କୋରାପୁଟ୍ ର ଗୁଟେ ଜୁଡ଼େ ଜାଗା ନ କମ୍ ନୁ ମଧମ୍ ଧରଣ୍ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।